# ଢେଙ୍କାନାଳ ସିଦ୍ଧମାନଙ୍କ କ୍ଷେତ୍ର



ପ୍ରଥମ ମହିମା ବହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

## ପ୍ରଥମ ମହିମା ବହି ମେଳାର ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳ,୨୪।୩(ରତନ ନାୟାର)

ଢେଙ୍କାନାଳ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ପ୍ରଥମ ମହିମା ବହି ମେଳାର ଦ୍ୱିତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ବୌଦ୍ଧିକ ଆଲୋଚନାରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ସିଦ୍ଧମାନଙ୍କ କ୍ଷେତ୍ର ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏନ୍‌ବିଟି ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଉ ଇଣ୍ଡିଆ ପକ୍ଷରୁ ଆୟୋଜିତ ପ୍ରଥମ ମହିମା ବହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ବିବୁଧ ଗଡ଼ନାୟକ ଯୋଗଦେଇ କହିଲେ, ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ଭାବରେ ପରିଚିତ। ଅନେକ ମହା ମନିଷୀ ଏହି ମାଟିରେ ସାଧନା କରି ସିଦ୍ଧିଲାଭ କରିଛନ୍ତି। ସିଦ୍ଧ କପିଳାସ, ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତ ଶୟନ ଓ ସପ୍ତଶଯ୍ୟା ଆଦି ଅନେକ ପବିତ୍ର ପାବନ ଭୂମି ଢେଙ୍କାନାଳ ମାଟିକୁ ଆଧ୍ୟାତ୍ମିକ ଭିତ୍ତିଭୂମି ଭାବେ ପରିଚିତ କରିଛି। ମୁଖ୍ୟବକ୍ତା ଭାବେ ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଢେଙ୍କାନାଳ ମାଟିରୁ ସିଦ୍ଧିତ୍ୱ ଲାଭ କରିଥିବା ମହାନ ବ୍ୟକ୍ତିମାନଙ୍କ ଉପରେ ଆଲୋକପାତ କରିଥିଲେ। ବ୍ରାହ୍ମଣୀ କୂଳେ କୂଳେ ସ୍ୱୟଂଭୁ କ୍ରୋଶଲିଙ୍ଗ ସ୍ୱୟଂ ପ୍ରକାଶ ହୋଇ ଶିବ ସଂସ୍କୃତିକୁ ପରିବ୍ୟାପ୍ତ କରି ଏହି ମାଟିକୁ ସିଦ୍ଧ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆର୍ଯ୍ୟରତ୍ନ ଚକ୍ରଧର ବୌଦ୍ଧିକ ଆଲୋଚନାରେ ସଭାପତିତ୍ୱ କରିଥିଲେ। କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଉ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ଧନ୍ୟବାଦ ଦେଇଥିଲେ।

## ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଅଭିଯୋଗ

ବନ୍ତଲା,୨୪।୩ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ଧୋକୁଟା ଗାଁ ହରିଜନ ସାହିର ୫ଟି ପରିବାର ଚାଷ ଜମିକୁ ଯିବା ଆସିବା କରୁଥିବା ସରକାରୀ ଜମିର ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ରୋହିତ କୁମାର ନାଏକ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଅଭିଯୋଗରେ ସେ ଦର୍ଶାଇଛନ୍ତି, ସାହିର ୫ଟି ପରିବାର ପ୍ରାୟ ୫ ଏକରରୁ ଅଧିକ ଜମିରେ ଚାଷ କରୁଛନ୍ତି। ଉକ୍ତ ଜମିକୁ କିଣିବା ପାଇଁ ଜଣେ ଜମି ବ୍ୟବସାୟୀ ଉଦ୍ୟମ କରି ବିଫଳ ହେବା ପରେ ନିକଟସ୍ଥ ଏକ ଜମି କିଣି ସେଥିରେ ତାରବାଡ଼ ଦେଇଛନ୍ତି। ଏଥିସହ ଉକ୍ତ ସରକାରୀ ଜମି ରାସ୍ତାକୁ ମଧ୍ୟ ତାରବାଡ଼ ଦେଇ ଅବରୋଧ କରିଛନ୍ତି। ୯ ମାସ ପୂର୍ବରୁ ଏ ସଂକ୍ରାନ୍ତରେ ତହସିଲଦାରଙ୍କ ଦ୍ୱାରସ୍ଥ ହେବା ପରେ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା। କିନ୍ତୁ ଏଯାଏ ଉଚ୍ଛେଦ କରାଯାଇ ନାହିଁ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ଜବରଦଖଲ ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଚାଷୀ ରୋହିତ କୁମାର ଅନୁରୋଧ କରିଛନ୍ତି।

# ନିଶ୍ୱାର୍ଡ ପକ୍ଷରୁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଢେଙ୍କାନାଳ,୨୪।୩ (ରତନ ନାୟାର)




ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

ଢେଙ୍କାନାଳ ସଦର ବ୍ଲକ ବାରଦା ପଞ୍ଚାୟତର ଲଛମନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଶ୍ୱାର୍ଡ ଓ ନେହେରୁ ଯୁବକେନ୍ଦ୍ର 'ମୋ ଭାରତ' ମିଳିତ ଆନୁକୂଲ୍ୟରେ ସଦର, ଓଡ଼ାପଡ଼ା, ଗଁଦିଆ ଓ କାମାକ୍ଷାନଗର ବ୍ଲକର ବିଜେତା ପ୍ରତିଯୋଗୀମାନଙ୍କୁ ନେଇ ଜିଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ୍ ଗଙ୍ଗାଧର ରାଉତ, ବିଶିଷ୍ଟ ସମାଜସେବୀ ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବାଳକ ବର୍ଗରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକା ବର୍ଗରେ ସ୍ଲୋ ସାଇକେଲ୍ ରେସ୍, ବ୍ୟାଡ୍‌ମିଣ୍ଟନ୍, ରିଲେ ରେସ୍ ଓ ଟାଇକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚରଣ ସ୍ୱାଇଁ ଓ ଜଗବନ୍ଧୁ ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ୮୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅନୁଷ୍ଠାନର ସଦସ୍ୟ ସୋମବାରୀ ସେଠୀ, ସଞ୍ଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ନେହେରୁ ଯୁବ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଆଇଟିଆଇ କଲେଜ ପରିଦର୍ଶନ



ଆଇଟିଆଇ କଲେଜ ପରିଦର୍ଶନାରେ ବାହାରିଥିବା ଛାତ୍ରୀଛାତ୍ର।

ଆଠମଲ୍ଲିକ,୨୪।୩(ଉଦୀପ୍ତ ପୁରୋହିତ)

ଶିକ୍ଷା ବିଭାଗର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆଠମଲ୍ଲିକ ବ୍ଲକର ୧୮୭ ସ୍କୁଲର ୩୭୪ ଛାତ୍ରୀଛାତ୍ର ବୌଦ୍ଧ ଜିଲାର ସରକାରୀ ଆଇଟିଆଇ କଲେଜ ପରିଦର୍ଶନରେ ଯାଇଥିଲେ। ବିଇଓ କାର୍ଯ୍ୟାଳୟ ସମ୍ମୁଖରୁ ୮ଟି ବସ୍ ମାଧ୍ୟମରେ ସମସ୍ତ ଛାତ୍ରୀଛାତ୍ର ଆଇଟିଆଇ କଲେଜ ପରିଦର୍ଶନରେ ଯାଇ ପଲିଟେକନିକ ଟ୍ରେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହିତ ଜ୍ଞାନ ଆହୋରଣ କରିଥିଲେ। ଆଇଟିଆଇ କଲେଜ ପ୍ରିନ୍ସିପାଲ ସୁବୋଧ କୁମାର ପାଣିଗ୍ରାହୀ, ଆଡମିନିଷ୍ଟ୍ରେଟର ସୁଦାମ ଗଡ଼ଦିଆ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଟ୍ରେଡ୍ ବିଷୟରେ ବୁଝାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସକାଳୁ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧଯିବାର ବ୍ୟବସ୍ଥା ହୋଇଥିଲା। ଛାତ୍ରୀଛାତ୍ରଙ୍କ ସହିତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ସେଠୀ, ବିଆର୍‌ସିସି କୈବଲ୍ୟ କଅଁରଙ୍କ ନେତୃତ୍ୱରେ ୧୭ ଜଣ ସିଆର୍‌ସିସି ଓ ୩୨ ଜଣ ଗାଇଡ୍ ଶିକ୍ଷକ ବୌଦ୍ଧ ଯାଇଥିଲେ।

# ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର

ଢେଙ୍କାନାଳ,୨୪।୩(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଆହ୍ୱାନ କ୍ରମେ ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କାଇମାଟି ଠାରେ ରାଜ୍ୟସ୍ତରୀୟ ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଶିବିରରେ ଜିଲାର ୮ଟି ବ୍ଲକରୁ ୬୦ଜଣ ପରାମର୍ଶଦାତା ଯୋଗ ଦେଇଥିଲେ। ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ଖଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଢେଙ୍କାନାଳ ଜିଲା ରେଡ୍‌କ୍ରସ ଶାଖାର ଉପସଭାପତି ବିରଞ୍ଚି ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରାମର୍ଶଦାତାମାନଙ୍କ ଭିତରେ ସେବା ମନବୃତ୍ତି ଜାଗ୍ରତ କରିବା ସହିତ ରକ୍ତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଜୁନିୟର ରେଡ୍‌କ୍ରସ୍‌ର ସାଧନକର୍ମୀ ନରେଶ କୁମାର ମହାରଣା, ବିପିନ ବିହାରୀ ଶତପଥୀ, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସୁବ୍ରତ କୁମାର ମିଶ୍ର ଶିକ୍ଷକମାନଙ୍କୁ ରେଡ୍‌କ୍ରସ୍‌ର ଇତିହାସ, ପତାକା ଉତ୍ତୋଳନ, ଅବତରଣ ଓ ବିଦ୍ୟାଳୟରେ ଜେଆର୍‌ସି ୟୁନିଟ୍ କିପରି ଖୋଲିବ ସେ ବିଷୟରେ କାଉନ୍‌ସିଲରମାନଙ୍କୁ ତାଲିମ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୨୬ ତାରିଖ ଯାଏ ଅନୁଷ୍ଠିତ ହେବ। ଜିଲା ଜୁନିୟର ରେଡ୍‌କ୍ରସ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା।




ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ୍ ଶିବିରରେ ଅଧିକାରୀମାନେ।

# ଆବାସ ଯୋଜନାରେ ସାମିଲ ପାଇଁ ଜିଲାପାଳଙ୍କୁ ଗୁହାରି

ଢେଙ୍କାନାଳ,୨୪।୩(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ପଞ୍ଚାୟତର ବିଧବା ମହିଳା ରତନୀ ମଳିକ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗରିବ ହରିଜନ ମହିଳା ରତନୀଙ୍କ ସ୍ୱାମୀ ଗଦାଧର ମଳିକ ୧୬ବର୍ଷ ହେବ ମୃତ୍ୟୁବରଣ କରିଛନ୍ତି। ବହୁବାର ଅଧିକାରୀମାନଙ୍କୁ ଗୁହାରୀ କରିଥିଲେ ମଧ୍ୟ ତାଙ୍କୁ ଆବାସ ଯୋଜନାରେ ଘରଖଣ୍ଡେ ମିଳିପାରି ନାହିଁ। ଫଳରେ ଦୀର୍ଘବର୍ଷ ହେଲା ସେ ଝାଟିମାଟି ଘରେ ରହୁଥିଲା ବେଳେ ଅର୍ଥ ଅଭାବରୁ ତାହାକୁ ମଧ୍ୟ ସଜାଡି ପାରୁନାହାନ୍ତି। ବର୍ଷାହେଲେ ଘରେ ପାଣି ଗଳୁଥିବାରୁ ଅନ୍ୟ ବାରଣ୍ଡାରେ ଛୁଆପିଲାଙ୍କୁ ଧରି ଶୋଉଛନ୍ତି ବୋଲି ରତନୀ କହିଛନ୍ତି। ପଞ୍ଚାୟତରେ ତାଙ୍କ ନାମ ଘୋଷଣା ହେଉଥିଲେ ମଧ୍ୟ ବାରମ୍ବାର ଏଥିରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହଟିଏ ବ୍ୟବସ୍ଥା କରାଗଲେ ସେ ଶାନ୍ତିରେ ରହିପାରିବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଗୁହାରି ଜଣାଇଛନ୍ତି।



ଆବାସ ଯୋଜନାରେ ଘର ପାଇଁ ବିଧବା ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବଇଣ୍ଡା, ୨୪।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଇନୋଭେଶନ ଷ୍ଟାର୍ଟଅପ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅସିତ କୁମାର ଜେନା, କାଳିଆ ସେଠୀ, ନିରଞ୍ଜନ ଦାସ, ଦୀପକ କୁମାର ବେହେରା, ସୁମିତ୍ରା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# କୁମ୍ଭାର ସମାଜ କର୍ମକର୍ତ୍ତା ଚୟନ




ବୈଠକରେ ଉପସ୍ଥିତ ଜିଲା କୁମ୍ଭାର ସମାଜର କର୍ମକର୍ତ୍ତା।

ଛେଣ୍ଡିପଦା,୨୪।୩(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାରମଞ୍ଚା ଗ୍ରାମର ମା' ଉମାଦେବୀଙ୍କ ପୀଠରେ ଅନୁଗୋଳ ଜିଲା କୁମ୍ଭାର ସମାଜର କର୍ମକର୍ତ୍ତା ଚୟନ ସହ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁକାନ୍ତ ରଣା ସଭାପତି, ନରୋତ୍ତମ ବେହେରା ଉପସଭାପତି, ଯୁଧିଷ୍ଠିର ବେହେରା ସମ୍ପାଦକ, ରଞ୍ଜନ କୁମାର ରଣା ସହସମ୍ପାଦକ, ସନ୍ତୋଷ କୁମାର ବେହେରା କୋଷାଧ୍ୟକ୍ଷ, ସୁରେନ୍ଦ୍ର ବେହେରା ପାଲଲହଡ଼ା (କ) ମଣ୍ଡଳର ଉପଦେଷ୍ଟା, ମଦନ ବେହେରା ପାଲଲହଡ଼ା (ଖ) ମଣ୍ଡଳ ଉପଦେଷ୍ଟା, ହରିହର ବେହେରା ପାଲଲହଡ଼ା (ଗ) ମଣ୍ଡଳ ଉପଦେଷ୍ଟା, ଚତୁରା ବେହେରା ତାଳଚେର(କ) ମଣ୍ଡଳ ଉପଦେଷ୍ଟା, ଗୋକୁଳାନନ୍ଦ ବେହେରା ତାଳଚେର(ଖ) ମଣ୍ଡଳ ଉପଦେଷ୍ଟା, ସୁରେଶ ବେହେରା ଉପରବଂଶ ଅନୁଗୋଳ ମଣ୍ଡଳ ଉପଦେଷ୍ଟା, ଆଶୁତୋଷ ରଣା ଷୋଳପଦା ମଣ୍ଡଳ ଉପଦେଷ୍ଟା, ତରୁଣ କୁମାର ରଣା ବାଇଶପାଳି ମଣ୍ଡଳ ଉପଦେଷ୍ଟା ଏବଂ ନବୀନ କୁମାର ବେହେରାଙ୍କୁ ରୋହିଲା ମଣ୍ଡଳ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ବୈଠକରେ ଅନୁଗୋଳ ଜିଲା କୁମ୍ଭାର ସମାଜର ୯ଟି ମଣ୍ଡଳର ଶତାଧିକ ସଦସ୍ୟ ଯୋଗଦେଇଥିଲେ।

# କୁଳାଡ଼ ମଙ୍ଗଳା ମହୋତ୍ସବ ପ୍ରସ୍ତୁତି ବୈଠକ

ବଅଁରପାଳ,୨୪।୩(ସୁବାସ ସାହୁ)

ବଅଁରପାଳ ବ୍ଲକ କୁଳାଡ଼ ଗ୍ରାମରେ ୨୭ତମ ମା' ମଙ୍ଗଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ଗୁରୁଚରଣ ସେଠ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ଏପ୍ରିଲ ୮ ତାରିଖରେ ମା' ମଙ୍ଗଳାଙ୍କ ମହୋତ୍ସବକୁ ଆଡମ୍ବରରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଜିଲା ପ୍ରଶାସନ, ସରପଞ୍ଚ, ସମିତି ସଭ୍ୟା, ଗ୍ରାମ କମିଟି ସଭାପତିଙ୍କୁ ଅବଗତ କରାଇ ମହୋତ୍ସବ କିପରି ଶାନ୍ତିଶୃଙ୍ଖଳାରେ ସମାପ୍ତ ହେବ ତାହା ଉପରେ କମିଟି ସଭାପତି ଗୁରୁତ୍ୱ ପ୍ରକାଶ କରିଥିଲେ। ପୂଜାର୍ଚ୍ଚନା ଦାୟିତ୍ୱ ପୂଜକ ଚନ୍ଦ୍ରମଣି ମହାପାତ୍ରଙ୍କୁ ଦିଆଯାଇଥିଲା। ଏହି ଅବସରରେ ୨ ଦିନ ନାଟକ ପରିବେଷଣ କରାଯିବ। ଜିଲାର ବିଶିଷ୍ଟ ଲୋକଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯିବ। ବୈଠକରେ ଅନୁଷ୍ଠାନ ତରଫରୁ ନଗେନ୍ ସାହୁ, ସିପୁନ ସେଠ, ରିଙ୍କୁନ ଜେନା, ମାନସ ମହାପାତ୍ର, ଅଜୟ ସିଂ, ପିଣ୍ଟୁ ମହାପାତ୍ର, ବାପୁ ସିଂ, ସୁଜନ ସ୍ୱାଇଁ, ପ୍ରସନ୍ନ ଜେନା, ଚୁନା ଜେନା, ମୁରଲୀ ଧୀର, ମାୟାଧର ସେଠ, ଶଙ୍କର ଜେନା, ପ୍ରଶାନ୍ତ ସାହୁ, ନରହରି ସେଠ, ଯୋଗେଶ ସିଂ, ପ୍ରାଣବନ୍ଧୁ ଦେହୁରୀ, ବିଜୟ ସାହୁଙ୍କ ସହିତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

# ପାଉଁଶ ବ୍ୟବହାରରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ




## ଏନ୍‌ଟିପିସି କଣିହାଁର ମାଇଲଖୁଣ୍ଟ

ତାଳଚେର,୨୪।୩ (ମନୋଜ ନନ୍ଦ)

୩୦୧୦ ମେଗାୱାଟ କ୍ଷମତା ବିଶିଷ୍ଟ ସୁପର ଥର୍ମାଲ ପାୱାର ଷ୍ଟେଶନ ଏନ୍‌ଟିପିସି କଣିହାଁ ୨୦ ମାର୍ଚ୍ଚ ୨୦୨୫ରେ ଶତପ୍ରତିଶତ ପାଉଁଶ ବ୍ୟବହାର ଲକ୍ଷ୍ୟ ସଫଳତାର ସହିତ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ମାଇଲଖୁଣ୍ଟ ହାସଲ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ବିଷୟରେ ଏନ୍‌ଟିପିସି କଣିହାଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସେହଗଲ କହିଛନ୍ତି, ଏନ୍‌ଟିପିସି ତାଳଚେର କଣିହାଁ ରାସ୍ତା ନିର୍ମାଣ, ମୃତ୍ତିକା ସଂରକ୍ଷଣ, ପାଉଁଶ ଉତ୍ପାଦ ଉତ୍ପାଦନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଫ୍ଲାଏ ଆଶ୍ ଯୋଗାଣ କରି ଜାତୀୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହି ପ୍ରୟାସ କେବଳ ପରିବେଶଗତ ପ୍ରଭାବକୁ ହ୍ରାସ କରୁଛି ତାହା ନୁହେଁ, ବରଂ ଦେଶର ଅଭିବୃଦ୍ଧିକୁ ସମର୍ଥନ କରି ବିଭିନ୍ନ ପ୍ରୟୋଗ ପାଇଁ ପାଉଁଶ ବ୍ୟବହାରର ସମ୍ଭାବନାକୁ ମଧ୍ୟ ଅନୁକୂଳ କରୁଛି। ଚଳିତ ଆର୍ଥିକ ବର୍ଷରେ ମୋଟ ୬୭ ଏଲ୍‌ଏମ୍‌ଟି ପାଉଁଶ ବ୍ୟବହାର ଦ୍ୱାରା ଷ୍ଟେଶନର ପ୍ରଭାବଶାଳୀ ପ୍ରଦର୍ଶନ ସ୍ପଷ୍ଟ ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୩.୨% ବୃଦ୍ଧି ପାଇଛି। ପ୍ରତିଶତ ବ୍ୟବହାର ଦୃଷ୍ଟିରୁ, ଷ୍ଟେଶନଟି ୨୦୨୪–୨୫ ଆର୍ଥିକ ବର୍ଷ ପାଇଁ ୧୦୦% ପାଉଁଶ ବ୍ୟବହାର ହାର ହାସଲ କରିଛି, ଯାହା ପୂର୍ବ ବର୍ଷର ୬୮% ହାରକୁ ଅତିକ୍ରମ କରିଛି। ଷ୍ଟେଶନର ୧୦୦% ପାଉଁଶ ବ୍ୟବହାରରେ ୪୫% ଅଣ-ଡାଇକ ପାଉଁଶ ବ୍ୟବହାର ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏନ୍‌ଟିପିସି ତାଳଚେର କଣିହାଁ, ଏନ୍‌ଏଚ୍‌ଏଆଇ ଓ ସରକାର, ଓଏସ୍‌ପିସିବି ଏବଂ ଏମ୍‌ସିଏଲ୍ ମଧ୍ୟରେ ଘନିଷ୍ଠ ସହଯୋଗ ଯୋଗୁ ଏହି ସଫଳତା ସମ୍ଭବ ହୋଇପାରିଛି। ଆଗାମୀ ସମୟରେ, ସିମେଣ୍ଟ ଶିଳ୍ପ ସହିତ ପାଉଁଶ ନିର୍ମାଣ ଏବଂ ମିଶ୍ରଣ ପାଇଁ ଫାଇନ ଫ୍ଲାଏ ପାଉଁଶ ଏବଂ ଅନ୍ୟାନ୍ୟ ପାଉଁଶ ଆଧାରିତ ଉତ୍ପାଦ ବିକ୍ରୟ ନିମନ୍ତେ ରହିଥିବା ବିଶାଳ ସୁଯୋଗ ଉପରେ ଏନଟିପିସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ ସେହଗଲ ଗୁରୁତ୍ୱାରୋପ କରିଛନ୍ତି।

# ୧୧୫ ଅଭିଯୋଗ ଶୁଣିଲା ପ୍ରଶାସନ




ଅନୁଗୋଳ ଜିଲା କାର୍ଯ୍ୟାଳୟ, କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ସଭାଗୃହ ଓ ପାଲଲହଡ଼ାରେ ଅଭିଯୋଗ ଶୁଣାଣି କରାଯାଉଛି।

ଅନୁଗୋଳ,୨୪।୩ (ମାନସ ବିଶ୍ୱାଳ)/ ବଇଣ୍ଡା (ପରିକ୍ଷିତ ସାହୁ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ସୋମବାର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରି ମହାନ୍ତି, ଡେପୁଟି କଲେକ୍ଟର ଶୁଭଦର୍ଶନ ମିଶ୍ର, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ସେହିପରି କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ ବେହେରା ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୩୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିପିଓ ସତ୍ୟପ୍ରିୟ ସାହୁ, ସିଡିପିଓ ଆରତୀ ସିଂ, ସରପଞ୍ଚ ସୁଲୋଚନା ପ୍ରଧାନ, ଏବିଇଓ ପ୍ରଭାକର ରାଉଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଅବଦଲ ମହମ୍ମଦ ଅଖତାର ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ କୈଳାସ ସେଠୀଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୬୦ଟି ମାମଲାର ଶୁଣାଣି କରାଯାଇଥିଲା। ତତ୍‌କ୍ଷଣାତ ୪ଟି ମାମଲାର ସମାଧାନ କରାଯାଇଥିଲା। ପାଲଲହଡ଼ାର ତମନ୍ନା ଖାତୁନଙ୍କୁ ୫ ହଜାର ଟଙ୍କା ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲ।

